Dt. 04.07.2024
320

# ଓଡିଶାସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

ସଂଖ୍ୟା **RDM-LAC-SBP-0004-2022-** 43328 /R&DM,ତା- 08 DEC 2023

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୮ ଅଧିନିୟମ ୨ ଅନୁସାରେ ସମ୍ବଲପୁର ଜିଲ୍ଲାର ୦୨ ଗୋଟି ତହସିଲର ୦୨ ଟି ପଞ୍ଚାୟତର ୦୨ ଗୋଟିଏ ଗ୍ରାମରେ (i.e, ଚାରଭାଟି ଓ କୁମ୍ଭାରୁଣିପସି) ମୋଟ ୦୨.୦୫ ଏକର, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଶଙ୍ଖଭଙ୍ଗା ନାଳ ଉପରେ ବ୍ରିଜ ସହିତ ଆପ୍ରୋଚ ରାସ୍ତା ନିର୍ମାଣ ନିମନ୍ତେ ଅଧୀକ୍ଷଣ ଯନ୍ତ୍ରୀ, (ଆର ଏଣ୍ଡ ବି-୧ ) ଡିଭିଜନ, ସମ୍ବଲପୁର ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି । ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଥିବା ନିମ୍ନ ସୂଚୀତ 'କ' ତଫସିଲ ଜମି, ସମ୍ବଲପୁର ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟ କୁ ତର୍ଜମାକରି ସରକାରଙ୍କ ଦ୍ୱାରା ନିମ୍ନୋକ୍ତ ନିଷ୍ପତ୍ତି ନିଆଗଲା ।

୧. ଶଙ୍ଖଭଙ୍ଗା ନାଳ ଉପରେ ବ୍ରିଜ ସହିତ ଆପ୍ରୋଚ ରାସ୍ତା ନିର୍ମାଣ ନିମନ୍ତେ ଅଧିଗ୍ରହଣ କରାଯାଉଥିବା ୦୨ ଗୋଟିଏ ଗ୍ରାମରେ ମୋଟ ଏକର ୦୨.୦୫ ଡି. ଜାଗା ଯଥାର୍ଥରେ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ।

୨. *ଏହି ପ୍ରକଳ୍ପ* ପାଇଁ ୦୨ ଗୋଟିଏ ଗ୍ରାମରେ ମୋଟ ଏକର ୦୨.୦୫ ଡି. ଅଧିଗୃହିତ ହେବ ଏବଂ ଜିଲ୍ଲାପାଳ, ସମ୍ବଲପୁରଙ୍କ ପ୍ରଦତ୍ତ ବିବରଣୀ (ରିପୋର୍ଟ) ଅନୁଯାୟୀ ଆଂଶିକ ପରିବାର କ୍ଷ୍ୟତିଗ୍ରସ୍ତ ହେଉଛନ୍ତି ।

୩. ଏହି ପ୍ରକଳ୍ପ ନିମିତ୍ତ ଅଧିଗୃହିତ ହେଉଥିବା ଜମିର ଲୋକଙ୍କ ପାଇଁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଅନୁସାରେ ଏବଂ ଓଡିଶାଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ ନିୟମ ଅନୁଯାୟୀ ଉଚିତ କ୍ଷ୍ୟତିପୂରଣ କରାଯିବ ।

୪. ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ପରିମାଣର ଜମି ଅଧିଗ୍ରହଣ କରିବା ପାଇଁ ଧ୍ୟାନ ଦିଆ ଯାଇଛି ଏବଂ ଏହା ଦ୍ୱାରା ଲୋକଙ୍କ ଉପରେ ସର୍ବନିମ୍ନ ବିପରୀତ ପ୍ରଭାବ ପଡିବ।

୫. ପୂର୍ବରୁ ଏହି ଗ୍ରାମ ରେ ଅଧିଗୃହିତ ହୋଇ ଥିବା ବଳକା ଜମି ନାହିଁ । ଏହି ରାସ୍ତା ନିର୍ମାଣ ଦ୍ୱାରା ସାଧାରଣ ଜନତା ଏବଂ ଜମିହରାମାନେ ଉପକୃତ ହେବେ ।

୬. ପ୍ରଭାବିତ ଗ୍ରାମରେ ଜନ ଶୁଣାଣି ମଧ କରାଯାଇ ଅଛି। ଜିଲ୍ଲାପାଳ ସମ୍ବଲପୁରଙ୍କ ଦ୍ୱାରା ପ୍ରେରିତ ପତ୍ର କ୍ରମାଙ୍କ 919/24.11.2023 ର ସମସ୍ତ ପ୍ରସ୍ତାବକୁ ବିଚାରକୁ ନେଇ ଅଧୀକ୍ଷଣ ଯନ୍ତ୍ରୀ, (ଆର ଏଣ୍ଡ ବି-୧ ) ଡିଭିଜନ, ସମ୍ବଲପୁର କର୍ତ୍ତୃପକ୍ଷ କାର୍ଯ୍ୟ ନିର୍ବାହ କରିବେ ।

**କ୍ରମଶଃ**

Scanned by CamScanner

ଓଡିଶାଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ନିୟମାବଳୀ, ୨୦୧୭ର ନିୟମ ୧୭ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲାପାଳ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟ କୁ ପରୀକ୍ଷା କରି ନିୟମ ୧୫ ଅନୁସାରେ ଓଡିଆ ଭାଷାରେ ଅନୁରୁପଭାବରେ ଉପସ୍ଥାପିତ କରାଗଲା। ଏହାପରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, ୨୦୧୩ ର ଧାରା ୧୧ ର ଅଧିନିୟମ ୧ ରେ ଘୋଷଣା ପାଇଁ ପ୍ରୟୋଜନ କରାଯିବ।

**ତଫସିଲ- କ**

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: - ସମ୍ବଲପୁର　　　　ତହସିଲ: - କୁଚିଣ୍ଡା/ ଜମନକିରା

| ଗ୍ରାମରନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତାନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ରମୋଟ ରକବା | ଅଧିଗ୍ରହଣହେବାକୁ ଥିବା ଜମି ର ରକବା (ଏକରରେ ) | ରୟତଙ୍କ ନାମ |
|---|---|---|---|---|---|---|---|
| ଚାରଭାଟି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୦୦.୫୦ | ଏଥିସହିତ ସଂଲଗ୍ନ |
| କୁମ୍ଭାରୁଣିପସି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୦୧.୫୫ | ଏଥିସହିତ ସଂଲଗ୍ନ |

ସର୍ବମୋଟ ଜାଗା ଏକର ୦୨.୦୫ ଡି.

ରାଜ୍ୟପାଳଙ୍କ ଆଦେଶ କ୍ରମେ

ଦିଗନ୍ତ ରାଉତରାୟ
ଅତିରିକ୍ତ ଶାସନ ସଚିବ

Scanned by CamScanner

Memo No. 43329 dtd. 08 DEC 2023

Copy forwarded to the Director, Printing Stationary & Publication, Odisha, Cuttack for information and necessary. He is requested to publish the Declaration in the next issue of the Odisha Gazette as this is a statutory one.

SRO Number may be allotted to this publication.

8/12/23
Under Secretary to Government

Memo No. 43330 dtd. 08 DEC 2023

Copy forwarded to Works Department for information and necessary action.

8/12/23
Under Secretary to Government

Memo No. 43331 dtd. 08 DEC 2023

Copy forwarded to RDC (ND), Sambalpur/ Collector, Sambalpur/ L.A.O., Sambalpur for information and necessary action.

8/12/23
Under Secretary to Government

Memo No. 43332 dtd. 08 DEC 2023

Copy forwarded to the Coordinator, State SIA Unit, Nabakrushna Choudhury Centre for Development Studies, Bhubaneswar-751013 (email ID- sia.ncds@gov.in) for information and necessary action.

8/12/23
Under Secretary to Government

Memo No. 43333 dtd. 08 DEC 2023

Copy forwarded to the e-Governance Cell, R & DM Department with a request to upload the SIA Declaration in this Department website for information of General Public.

8/12/23
Under Secretary to Government

Scanned by CamScanner

# ଭୂମି ଅନୁସୂଚୀ

ମୌଜା- ଚାରଭାଟି　　　　　　ତହସିଲ- କୁଚିଣ୍ଡା

ଜିଲ୍ଲା – ସମ୍ବଲପୁର

| କ୍ରମିକ ନମ୍ବର | ପ୍ରଜାର ନାମ | ଖତିଆନ ନମ୍ବର | ପ୍ଲଟ୍ ନମ୍ବର | ଜମିର କିସମ | ମୋଟ ରକବା ଏକରରେ | ପ୍ରସ୍ତାବିତ ଭୂ-ଅର୍ଜନ ରକବା ଏକରରେ |
|---|---|---|---|---|---|---|
| ୧ | ଅଶ୍ୱିନ କୁମାର ନାୟକ<br>ପିତା-ହୃଦାନନ୍ଦ ନାୟକ<br>ଜାତି –ଅଘରିଆ, ବା-ଜାଜ | ୮୨/୪୭ | ୭୫୬ | ରାସ୍ତା | ୦.୦୩ | ୦.୦୩୦ |
| | | | ୭୬୮ | ରାସ୍ତା | ୦.୨୦୦ | ୦.୨୦୦ |
| | | | ୭୬୧/୯୪୧ | ରାସ୍ତା | ୦.୦୫ | ୦.୦୫୦ |
| | | | ୨୧୭ | ଗୋଡା-୨ | ୧.୧୦ | ୦.୧୧୦ |
| | | | ୨୧୮ | ବାସା | ୦.୫୯ | ୦.୦୭୦ |
| | | | ୨୧୯ | ବେସା | ୦.୦୯ | ୦.୦୪୦ |
| | ମୋଟ | ୧ ଖାତା | ୬ ପ୍ଲଟ | | ୨.୦୬ | ୦.୫୦୦ |

Countersigned

Land Acquisition Officer
Sambalpur

Executive Engineer
Sambalpur (R&B) Division-II

Scanned by CamScanner

# ଭୂମି ଅନୁସୁଚୀ

ମୌଜା- କୁମ୍ଭାରୁଣିପସି ତହସିଲ- ଜମନକିରା

ଜିଲ୍ଲା – ସମ୍ବଲପୁର

| କ୍ରମିକ ନମ୍ବର | ପ୍ରଜାର ନାମ | ଖତିଆନ ନମ୍ବର | ପ୍ଲଟ୍ ନମ୍ବର | ଜମିର କିସମ | ମୋଟ ରକବା ଏକରରେ | ପ୍ରସ୍ତାବିତ ଭୂ-ଅର୍ଜନ ରକବା ଏକରରେ |
|---|---|---|---|---|---|---|
| ୧ | ସୁଗ୍ରେସନ ପଟେଲ<br>ପିତା-ବାଙ୍କମକୁନ୍ଦ ପଟେଲ<br>ଜାତି –ଅଘରିଆ<br>ବା- କୁମ୍ଭାରୁଣୀପସି | ୧୯ | ୨୮୬ | ଗୋଡା-୨ | ୦.୫୧ | ୦.୧୫ |
| | | | ୨୮୫ | ଗୋଡା-୨ | ୦.୦୬ | ୦.୦୬ |
| | | | ୨୮୩ | ଗୋଡା-୨ | ୦.୦୮ | ୦.୦୧ |
| | | | ୯୨ | ମାସା | ୧.୭୭ | ୦.୪୨ |
| | | | ୯୩ | ବାପା-୨ | ୦.୨୦ | ୦.୦୫ |
| | | | ୨୮୨/୩୧୮ | ମାସା | ୦.୦୯ | ୦.୦୯ |
| ୨ | ରୋହିଣୀ ନାଏକ<br>ସ୍ୱା-ପ୍ରମୋଦ ନାଏକ<br>ଜାତି –ଅଘରିଆ<br>ବା- କୁମ୍ଭାରୁଣୀପସି | ୧୪ | ୨୮୪ | ଗୋଡା-୨ | ୦.୪୫ | ୦.୩୦ |
| ୩ | ରଘୁ ଗଣ୍ଡା, ସିତୁଲ ସୋହେଲା,<br>କୁନ୍ତଳା ଘରଡିଆ,<br>ସୁମିତ୍ରା ବାଗ,କୁମାତି ମହାନନ୍ଦ,<br>ଉରମିଳା ବାଗ<br>ପିତା-ଶ୍ରୀକର ବାଗ<br>ଜାତି – ଗଣ୍ଡା,ବା- ନିଜଗାଁ | ୧୩ | ୨୮୦ | ମାସା | ୦.୫୬ | ୦.୩୨ |
| ୪ | ପରମେଶ୍ୱର ପଟେଲ, ରାମେଶ୍ୱର ପଟେଲ, ବିଶେଶ୍ୱର ପଟେଲ,<br>ଫୁଲମତି ନାଏକ, ଢକିଆ ଚୌଧୁରି<br>ପିତା-ବ୍ରଜମୋହନ ପଟେଲ<br>ସକୁନ୍ତଳା ପଟେଲ<br>ସ୍ୱା-ବ୍ରଜମୋହନ ପଟେଲ<br>ଜାତି –ଅଘରିଆ,ବା- ନିଜଗାଁ | ୮ | ୨୫୩ | ମାସା | ୦.୩୨ | ୦.୦୯ |
| ୫ | ଜୟରାମ ନାଏକ<br>ପିତା-ଗୋବିନ୍ଦ ନାଏକ<br>ଜାତି –ଅଘରିଆ,ବା- ନିଜଗାଁ | ୧ | ୯୪ | ବାପା-୨ | ୦.୭୬ | ୦.୦୬ |
| | ମୋଟ | ୫ ଖାତା | ୧୦ ପ୍ଲଟ | | ୪.୮୦ | ୧.୫୫ |

Countersigned

Land Acquisition Officer
Sambal…

Executive Engineer
Sambalpur (R&B) Division-II

Scanned by CamScanner

# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିସ ରିପୋର୍ଟ

**************************************************************************************

(ସମ୍ବଲପୁର ଜିଲ୍ଲାର ଜମନକିରା ଓ କୁଚିଣ୍ଡା ତହସିଲର ଫସିମାଲ –କୁଚିଣ୍ଡା ଭାୟା ଧୁଡିପାଲି ରାସ୍ତାରେ ଶଙ୍ଖଭଙ୍ଗା ନାଳ ଉପରେ ନିର୍ମାଣ ହେବାକୁଥିବା ପୋଲ ନିମନ୍ତେ ଜମି ଅଧିଗ୍ରହଣ ସମ୍ପର୍କ ରେ)

**ବୈଧାନିକ ବ୍ୟବସ୍ଥା:-**

ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ତହସିଲ ଅନ୍ତର୍ଗତ ଚାରଭାଟି ମୌଜାରେ ମୋଟ ପ୍ରସ୍ତାବିତ ରକବା ଏ୦.୫୦୦ ଡିସିମିଲ ଓ ଜମନକିରା ତହସିଲ ଅନ୍ତର୍ଗତ କୁମ୍ଭାରୁଣିପସି ମୌଜାରେ ମୋଟ ପ୍ରସ୍ତାବିତ ରକବା ୧.୫୫ ଡିସିମିଲ ବେସରକାରୀ ଜମି ଅଧିଗ୍ରହଣ ପାଇଁ ଅଧିକ୍ଷଣ ଯନ୍ତ୍ରୀ , ପୂର୍ତ୍ତ ଓ ରାସ୍ତା ବିଭାଜନ-୨ , ସମ୍ବଲପୁରଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବାପରେ ତତ ସମ୍ପର୍କରେ ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା , ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ ପ୍ରଭାବ ନିର୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନମତେ ଅଧିସୂଚନା ମାନ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶନ ହୋଇଅଛି ।

**ଅଧିସୂଚନା:-**

| କ୍ରମିକ ନମ୍ବର | ତହସିଲ | ଗ୍ରାମ | ପ୍ରସ୍ତାବିତ ଅଧିଗ୍ରହଣ ଜମି ର ରକବା | ଅଧିସୂଚନା ସଂଖ୍ୟା ଓ ତାରିଖ |
|---|---|---|---|---|
| ୧ | କୁଚିଣ୍ଡା | ଚାରଭାଟି | ଏ୦.୫୦୦ ଡିସିମିଲ | ୨୬୭୨ ତା. ୨୧.୦୧.୨୦୨୩ |
| ୨ | ଜମନକିରା | କୁମ୍ଭାରୁନିପସୀ | ଏ ୧.୫୫୦ ଡିସିମିଲ | ୨୬୭୨ ତା. ୨୧.୦୧.୨୦୨୩ |

**ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ:-**

ଓଡିଶା ସରକାର ଙ୍କ ଅଧିସୂଚନା ମତେ "ସାମାଜିକ ପ୍ରଭାବ ନିର୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (ଏନ. ସି. ଡି. ଏସ.) ଭୁବନେଶ୍ୱର ଙ୍କୁ ନ୍ୟସ୍ତ କରଯାଇଥିଲା । ତତ ପଶ୍ଚାତ , ନବ କୃଷ୍ଣ ଉନ୍ନୟନ କେନ୍ଦ୍ର ; Research & Analysis Consultants ( RAC), ଭୁବନେଶ୍ୱର, ଓଡିଶାଙ୍କୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ।

Rama Chandra Kar
Ashmita Bhoi
Sarekhamunla Rashmi Kusum
Saraswati Thakur

Scanned by CamScanner

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର , ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା ବିବରଣୀ , ପରିବାରର ସମ୍ପୂର୍ଣ୍ଣ ବିବରଣୀ ଜୀବିକା ଆୟର ପନ୍ଥା, ପରିବାରର ମୋଟ ଆୟ ବ୍ୟୟ, ପରିବାରର ଆସବାସ ପତ୍ର, ପ୍ରଭାବିତ ହେବାକୁ ଥିବା କୋଠାବାଡି, ବ୍ୟବସାୟିକ ବା ଆତ୍ମନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚୀରେ ଏକ ପୂର୍ଣାଙ୍ଗ ବିବରଣୀ ପ୍ରସ୍ତୁତି କରିଛନ୍ତି ।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନ (ଏସ. ଆଇ. ଏମ. ପି.) ମଧ୍ୟ ପ୍ରସ୍ତୁତି କରିଛନ୍ତି ।

<u>ଜନଶୁଣାଣି (ଧାରା – ୫)</u>

ଉଚିତ କ୍ଷତି ପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ବଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ -୨୦୧୩ ଧାରା ୫ ଅନୁସାରେ ପ୍ରଭାବିତ ଅଞ୍ଚଳ ଗୁଡିକରେ ଏକ ଜନଶୁଣାଣି ନିମନ୍ତେ ସ୍ଥାନ , ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପ୍ରଚାର ମାଧ୍ୟମରେ ଜଣା ଯାଇଥିଲା । ସାମାଜିକ ପ୍ରଭାବ ଅଧ୍ୟୟନ ବିବରଣୀ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (ଏନ. ସି. ଡି. ଏସ.) ଭୁବନେଶ୍ୱର ଠାରୁ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଅଧ୍ୟୟନ ବିବରଣୀ ଉପରେ ସର୍ବସାଧାରଣଙ୍କ ଠାରୁ ମତାମତ ଗ୍ରହଣ କରିବା ସକାଶେ ତା ୨୮.୦୩. ୨୦୨୩ ରଖ ଦିନ ସକାଳ ୧୧.୦୦ ଘଟିକାରେ ଗୁଣ୍ଡୁରୁଚୁଆଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ସମ୍ବଲପୁରଙ୍କ ଅଧକ୍ଷତା ରେ ଏକ ଜନଶୁଣାଣି ଆୟୋଜନ କରଯାଇଥିଲା । ଉକ୍ତ ଜନଶୁଣାଣି ରେ ଉପଜିଲ୍ଲାପାଳ , କୁଚିଣ୍ଡା ; ତହସିଲଦାର, ଜମନକିରା; ତହସିଲଦାର, କୁଚିଣ୍ଡା , ବ୍ଲକ ଉନ୍ନୟନ ଅଧିକାରୀ , କୁଚିଣ୍ଡା ; ବ୍ଲକ ଉନ୍ନୟନ ଅଧିକାରୀ , ଜମନକିରା ; ଭୂ-ଅର୍ଜନ ଅଧିକାରୀ , ସମ୍ବଲପୁର; ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ , ପୂର୍ତ୍ତ ବିଭାଜନ-୨ , ସମ୍ବଲପୁର ; ସରପଞ୍ଚ , ଗୁଣ୍ଡୁରୁଚୁଆଁ , ସରପଞ୍ଚ , ବଳ୍ପମା ଓ ସାମାଜିକ ପ୍ରଭାବ ଅଧ୍ୟୟନ କରିଥିବା Research & Analysis Consultants ( RAC), ଭୁବନେଶ୍ୱରର କର୍ମଚାରୀମାନେ ଉପସ୍ଥିତ ଥିଲେ । ଜନଶୁଣାଣିର ବିଶଦ ବିବରଣୀ ଚୂଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣ୍ଣନା ହୋଇଅଛି । ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ତଥା ଗ୍ରାମବାସୀ ମାନେ ବହୁ ସଂଖ୍ୟାରେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତ କରିଥିଲେ ।

ଏହି ଜନଶୁଣାଣିରେ Research & Analysis Consultants ( RAC), ଭୁବନେଶ୍ୱରର ଦଳ ମୁଖ୍ୟ ଏବଂ କ୍ଷେତ୍ର ପରିଦର୍ଶକ ସ୍ୱାଗତ ଭାଷଣ ଦେବା ସହିତ ଏହି ପ୍ରକଳ୍ପ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଏହାପରେ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ , ପୂର୍ତ୍ତ ବିଭାଜନ -୨, ସମ୍ବଲପୁର ପ୍ରକଳ୍ପ ବିଷୟରେ ପୁଙ୍ଖାନୁପୁଙ୍ଖ ବିବରଣୀ ଉପସ୍ଥାପନ କରିଥିଲେ ।

**ପ୍ରଶାସନ ଧାରା -୬**

ଉପରୋକ୍ତ ମୌଜା ରେ ଅନୁଷ୍ଠିତ ଜନ ଶୁଣାଣି ପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ବିବରଣୀ କୁ ଆଇନର ଧାରା -୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରଯାଇଥିଲା ।

Rama Chandra Kar
Ashruta Bhoi
Sarekhamund Rashmi Kusum Saraswati Thakur

Scanned by CamScanner

ଆଇନର ଧାରା -୭ ଉପଧାରା -୧ ଅନୁସାରେ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୂଡାନ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୂଲ୍ୟାୟନ ଓ ସୁପାରିଶ ।

ସଠିକ କ୍ଷତି ପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା , ଥଇଥାନ , ପୁନର୍ବାସ ଆଇନ -୨୦୧୩ ଧାରା -୭ ଉପଧାରା -୧ ଅନୁସାରେ ଗଠିତ ହୋଇଥିବା " ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ " ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶିତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୂଡାନ୍ତ ରିପୋର୍ଟ କୁ ଅନୁଧ୍ୟାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣେଇବାର ବ୍ୟବସ୍ଥା ରହିଅଛି ।ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୂଚୀ ନିମ୍ନରେ ପ୍ରଦାନ କରାଗଲା ।

**ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ**

୧. ଶ୍ରୀମତୀ ରଶ୍ମିତା କୁସୁମ; ସମିତି ସଭ୍ୟ, ବଳ୍ପମା

୨. ଶ୍ରୀମତୀ ଅଶ୍ରିତା ଭୋଇ, ସମିତି ସଭ୍ୟ, ଗୁଣ୍ଡୁରୁଚୁଆଁ

୩. ଶ୍ରୀମତୀ ସରସ୍ୱତୀ ଠାକୁର, ସରପଞ୍ଚ , ବଳ୍ପମା

୪. ଶ୍ରୀମତୀ ସୁରେଖା ମୁଣ୍ଡା, ସରପଞ୍ଚ , ଗୁଣ୍ଡୁରୁଚୁଆଁ

୫. ଶ୍ରୀ ରାମ ଚନ୍ଦ୍ର କର, ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ

୬. ଶ୍ରୀ ନରେନ୍ଦ୍ର କୁମାର ସଡଙ୍ଗି, ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ

୭. ପ୍ରମିଳା ବେହେରା , ସାମାଜିକ ବିଶେଷଜ୍ଞ

୮. ଶ୍ରୀ କ୍ଷିତିଶ ଚନ୍ଦ୍ର ଭୋଇ, ସାମାଜିକ ବିଶେଷଜ୍ଞ

୯. ଶ୍ରୀ ବିଭୁତି ଭୂଷଣ ପ୍ରଧାନ, ପ୍ରକଳ୍ପ ବିଶେଷଜ୍ଞ

ଉପରୋକ୍ତ ବ୍ୟକ୍ତି ବିଶେଷ ମାନଙ୍କ ମଧ୍ୟରୁ ଶ୍ରୀ ରାମ ଚନ୍ଦ୍ର କର, ପୁନର୍ବାସ ଓ ଥଇଥାନ ବିଶେଷଜ୍ଞଙ୍କୁ ଅଧ୍ୟକ୍ଷ ରୂପେ ଜିଲ୍ଲାପାଳ ସମ୍ବଲପୁର ମନୋନୟନ କରିଛନ୍ତି ।

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ**

ଆଇନ ର ଧାରା-୭ ଉପଧାରା -୧ ଅନୁସାରେ ପ୍ରକାଶନ ହୋଇଥିବା ଚୂଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିସ ନିମନ୍ତେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ " ଙ୍କ ଏକ ବୈଠକ ଆହ୍ୱାନ

Rama Chandra Kar

Ashrita Bhoi

Rashmi Kusum

Saraswati Thakur

Surekha Munda

Scanned by CamScanner

କରଯାଇଥିଲା । ଉକ୍ତ ବୈଠକକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ତା ୦୧.୦୯.୨୦୨୩ ରିଖ ସକାଳ ୧୧.୦୦ ଘଟିକାରେ କୁଚିଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କରଯାଇଥିଲା ।

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟ ମୂଲ୍ୟାୟନ**

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧ୍ୟାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ ।

ସମ୍ବଲପୁର ଜିଲ୍ଲାରେ **ଜମନକିରରା ଓ କୁଚିଣ୍ଡା ତହସିଲ ର ଫାସିମାଲ- କୁଚିଣ୍ଡା ଭାୟା ଧୂଡିପାଲ୍ଲୀ ରାସ୍ତାରେ ଶଙ୍ଖଭଙ୍ଗା ନାଲା ଉପରେ ନିର୍ମାଣ ହେଉଥିବା ପୋଲ** ନିମନ୍ତେ ଉପଯୁକ୍ତ ଇଞ୍ଜିନିୟରିଂ ଡିଜାଇନ ମାଧ୍ୟମରେ ପ୍ରସ୍ତୁତ କରାଯାଇଥିବା ଜମି ଅଧିଗ୍ରହଣରେ ପ୍ରତିକୂଳ ପ୍ରଭାବ କୁ କମାଇବାକୁ ଯଥେଷ୍ଟ ପ୍ରଚେଷ୍ଟା କରାଯାଇଥିବା ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ ।

ଜନ ଶୁଣାଣି ରେ ଉତଥାପିତ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ପାଇଁ ନିମ୍ନ ମତେ ଆଲୋଚନା କରଯାଇଥିଲା ।

**୧ ) ଶ୍ରୀମତୀ ରଶ୍ମିତା କୁସୁମ;** ସମିତି ସଭ୍ୟ, ବକ୍ସମା :- ପ୍ରଜାମାନଙ୍କୁ ନୂତନ ଭୂମି ଅଧିଗ୍ରହଣ ଆଇନ ୨୦୧୩ ମତେ କ୍ଷତିପୂରଣ ଦିଆଯିବା ଉଚିତ । ଜମି ହରାଇବା ନିଶ୍ଚିତ ଭାବରେ ଏକ କଷ୍ଟକର ବ୍ୟାପାର । କିନ୍ତୁ ଏହି ପ୍ରକଳ୍ପଟି ନିଶ୍ଚିତ ଭାବରେ ଅଞ୍ଚଳର ବିକାଶରେ ସହାୟକ ହେବ ।

**୨) ଶ୍ରୀମତୀ ସରସ୍ୱତୀ ଠାକୁର,** ସରପଞ୍ଚ , ବକ୍ସମା

ଏହି ପ୍ରକଳ୍ପଟି ସମ୍ପୂର୍ଣ୍ଣ ହୋଇଗଲେ ନିଶ୍ଚିତ ଭାବରେ ଦୁଇଗୋଟି ଗ୍ରାମକୁ ଦୁରତ୍ୱ କମିଯିବା ସହିତ କୁଚିଣ୍ଡା ଉପ-ଜିଲ୍ଲାପାଳ କାର୍ଯ୍ୟାଳୟ କୁ ଲୋକମାନେ ଶୀଘ୍ର ପହଞ୍ଚି ନିଜନିଜର ସମସ୍ୟାର ସମାଧାନ କରିପାରିବେ । ପୁନଃ ରାସ୍ତାର ଉପରପାର୍ଶରେ ଡ୍ରେନ ନିର୍ମାଣ କରିବା ପାଇଁ ଯୁକ୍ତି ଦର୍ଶାଇଥିଲେ ।

**୩ ) ଶ୍ରୀମତୀ ସୁରେଖା ମୁଣ୍ଡା,** ସରପଞ୍ଚ , ଗୁଣ୍ଡୁରୁଚୁଆଁ

ଉକ୍ତ ପ୍ରକଳ୍ପଟି ସହରାଞ୍ଚଳ /ଗ୍ରାମାଞ୍ଚଳ ମାନଙ୍କରେ ରାସ୍ତା ସବୁକୁ ଗମନାଗମନ ଏବଂ ପରିବହନର ଏକ ପ୍ରମୁଖ ମାଧ୍ୟମ ରୂପେ ନିଶ୍ଚିତ ଭାବରେ ଉଭା ହେବ ।

**୪ ) ଶ୍ରୀମତୀ ଅଶ୍ରିତା ଭୋଇ,** ସମିତି ସଭ୍ୟ, ଗୁଣ୍ଡୁରୁଚୁଆଁ

ପ୍ରକଳ୍ପଟି ପ୍ରଭାବିତ ପରିବାର ମାନଙ୍କ ଉପରେ ଅଳ୍ପ କିଛି ପରିମାଣର ପ୍ରତିକୁଳ ପ୍ରଭାବ ପକାଇବ , କିନ୍ତୁ ସାମୁହିକ ବିକାଶ ଧାରାରେ ଉକ୍ତ ପ୍ରକଳ୍ପଟି ସହାୟକ ହେବ ।

Rama Chandra Kar

Ashrita Bhoi
Rashmi Kusum

Surekha Munda
Saraswati Thakur

Scanned by CamScanner

୫) **ପ୍ରମିଳା ବେହେରା** , ସାମାଜିକ ବିଶେଷଜ୍ଞ ମତାପ୍ରକାଶ କଲେ ଯେ, ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶରେ ଏହି ପ୍ରକଳ୍ପଟି ସହାୟକ ହେବ ।

୬ ) **ଶ୍ରୀ ରାମଚନ୍ଦ୍ର କର** , ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ : ସରକାରଙ୍କ ଯାହାସବୁ ସୁବିଧା ଦିଆଯାଇଛି ସେଥିରେ ସେମାନେ ସନ୍ତୁଷ୍ଟ ହୋଇ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜମିକୁ ବ୍ୟବହାର କରି ଏହି ପ୍ରକଳ୍ପକୁ ଯଥା ଶୀଘ୍ର ଆଗେଇ ନେବାପାଇଁ ମତପ୍ରକାଶ କଲେ । ଏହି ପ୍ରକଳ୍ପରେ କୌଣସି ପରିବାର ବିସ୍ଥାପିତ ହେଉନଥିବାରୁ ପ୍ରଜାମାନେ ଅଧିଗ୍ରହଣ ସମୟରେ ବିଶେଷ ଅସୁବିଧା ପାଇବେ ନାହିଁ ।

୭) **ଶ୍ରୀ ନରେନ୍ଦ୍ର ଷଡଙ୍ଗୀ** , ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ: ଉକ୍ତ ପ୍ରକଳ୍ପଟି ନିଶ୍ଚିତ ଭାବରେ ଅଂଚଳ ବାସୀଙ୍କ ସାମାଜିକ ଓ ଆର୍ଥିକ ବିକାଶରେ ସହାୟକ ହେବା ସହିତ କୁଚିଣ୍ଡା ସହରାଞ୍ଚଳକୁ ଲୋକମାନେ ସୁରୁଖୁରୁରେ ଯାତାୟାତ କରିପାରିବେ ।

୮ ) **କ୍ଷିତିଶ ଚନ୍ଦ୍ର ଭୋଇ, ସାମାଜିକ ବିଶେଷଜ୍ଞ:-** ପ୍ରଜାମାନଙ୍କର ଜମି କୌଣସି ମତେ କ୍ଷତିପୂରଣ ସହିତ ତୁଳନା କରିହେବ ନାହିଁ ଏବଂ ସରକାର ଅନ୍ୟାନ ବିଭାଗ ସହିତ ସମନ୍ୱୟ ରକ୍ଷାକରି ଉକ୍ତ ପ୍ରକଳ୍ପକୁ ଯଥାଶୀଘ୍ର ସମାପ୍ତ କରିବା ଉଚିତ ।

ପରିଶେଷରେ ଆଦିତ୍ୟ କୁମାର ପଣ୍ଡା, ଭୂ-ଅର୍ଜନ ଅଧିକାରୀ, ସମ୍ବଲପୁର ପ୍ରାଞ୍ଜଳ ଭାବରେ ଭୂ-ଅର୍ଜନ ଆଇନ ଓ ପ୍ରଜାମାନଙ୍କୁ ମିଳୁଥିବା ସୁବିଧା ସୁଯୋଗ ଉପସ୍ଥାପନ କରିଥିଲେ । ବିଶେଷଜ୍ଞ ଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରିଥିଲେ ।ଏହା ସହିତ ଏହି ପ୍ରକଳ୍ପ ଦ୍ୱାରା ହେଉଥିବା କ୍ଷୟକ୍ଷତି ଅପେକ୍ଷା ଅଞ୍ଚଳର ବିକାଶ ହେବ ବୋଲି ମଧ ସମସ୍ତେ ମତବ୍ୟକ୍ତ କରିଛନ୍ତି ।

ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ବୈଠକ ରେ ହୋଇଥିବା ଆଲୋଚନା ନିମ୍ନ ମତେ ଦିଆଗଲା :-

୧. ପ୍ରସ୍ତାବିତ ଅଧିଗ୍ରହଣ ନିମନ୍ତେ ଏକ ବୈଧ ଏବଂ ଉପଯୁକ୍ତ ସର୍ବ ସାଧାରଣ ଉଦ୍ଦେଶ୍ୟ ଅଛି ଯାହା ଚିହ୍ନଟ ଜମିର ଆବଶ୍ୟକ କରୁଛି ବୋଲି ସମସ୍ତ ସଦସ୍ୟ ହୃଦବୋଧ କଲେ ।

୨.ପ୍ରକଳ୍ପ ନିମନ୍ତେ ଆବଶ୍ୟକ ଜମିର ସର୍ବନିମ୍ନ ଅଞ୍ଚଳ ହିଁ , ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବିତ ହୋଇଛି ।

୩. କୌଣସି ଅଣ ବ୍ୟବହୃତ ଜମି ନାହିଁ ଯାହା ଉକ୍ତ ଅଞ୍ଚଳରେ ପୂର୍ବରୁ ଅଧିଗ୍ରହଣ ହୋଇଅଛି ।

୪. ଜମି ଅଧିଗ୍ରହଣ କ୍ଷତିପୂରଣ ରାଶି କୁ ନୂତନ ଭୂ-ଅର୍ଜନ ଆଇନ -୨୦୧୩ ହିସାବରେ ଆକଳନ କରି ପ୍ରଜା ମାନଙ୍କୁ ଦିଆଯିବ ।

୫. ଉକ୍ତ ପ୍ରକଳ୍ପ ଟି ନିଃସନ୍ଦେହରେ ଲୋକମାନଙ୍କର ହିତ ପାଇଁ ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ପରିକଳ୍ପିତ ।

୬.ଉକ୍ତ ପ୍ରକଳ୍ପ ପାଇଁ ଏହାର ଡିଜାଇନ ଏବଂ ଚୟନ ସମ୍ବନ୍ଧରେ ଅନ୍ୟ କୌଣସି ବିକଳ୍ପ ଅନୁସନ୍ଧାନ କରିବାର ଆବଶ୍ୟକତା ନାହିଁ ।

Ramachandra Kar

Ashruita Bhoi

Sarekhamundy Rashmi Kusum Saraswati Thakur

Scanned by CamScanner

ପରିଶେଷ ରେ ବିଶେଷଜ୍ଞ ଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ପ୍ରାଞ୍ଜଳଭାବେ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରି ଉଚ୍ଚ ପ୍ରଶଂସା କରିଥିଲେ ।ଏହାସହିତ ଏହି ପ୍ରକଳ୍ପ ଦ୍ୱାରା ହେଉଥିବା କ୍ଷୟ କ୍ଷତି ଅପେକ୍ଷା ଅଞ୍ଚଳର ବିକାଶ ଅଧିକ ହେବବୋଲି ମଧ୍ୟ ସମସ୍ତେ ମତ ବ୍ୟକ୍ତ କରିଛନ୍ତି ।

ସଭାଶେଷରେ ସାମାଜିକ ପ୍ରଭାବ ଅଧ୍ୟୟନ କରିଥିବା Research & Analysis Consultants ( RAC), ଭୁବନେଶ୍ୱର ର ପ୍ରକଳ୍ପ ସଂଯୋଜକ ଶ୍ରୀ ଅଶୋକ କୁମାର ନନ୍ଦ, ଉପସ୍ଥିତ ସମସ୍ତ ସଭ୍ୟ ତଥା ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

Bibhuti Bhusan Padhi
ପ୍ରକଳ୍ପ ବିଶେଷଜ୍ଞ

Pramila Behera
ସାମାଜିକ ବିଶେଷଜ୍ଞ

Khitish Chandra Khar
ସାମାଜିକ ବିଶେଷଜ୍ଞ

Narendra Kr. Sewayi
ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ

Saraswati Thakur
ସରପଞ୍ଚ , ବକ୍ସମା

Sarekhamunda
ସରପଞ୍ଚ ,ଗୁଣ୍ଡୁରୁଟୁଆଁ

Rashmi Kusum
ସମିତିସଭ୍ୟ , ବକ୍ସମା
Rashmi Kusum

Ashruta Bhoi
ସମିତିସଭ୍ୟ , ଗୁଣ୍ଡୁରୁଟୁଆଁ

Rama Chandra Kar

ଅଧ୍ୟକ୍ଷ-ତଥା- ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ,
" ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ"
ସମ୍ବଲପୁର

Scanned by CamScanner